ପଞ୍ଜାବ ରାଜ୍ୟ

ବନାମ

ରାଘବୀର୍ ସିଂ ଏବଂ ଅନ୍ୟମାନେ

ଫେବୃଆରୀ 28, 1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟାଧୀଶଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ - 1984 ର ସଂଶୋଧନ ଅଧିନିୟମ 68 - ପ୍ରଯୁଜ୍ୟ ନୁହେଁ - ବିଚାର ନିମନ୍ତେ ପ୍ରେରଣ କରିବାକୁ ଥିବା ଆବେଦନ ତିଷ୍ଠି ରହେ ନାହିଁ।*

**ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶ ପରେ, ଜିଲ୍ଲାପାଳ ତାଙ୍କର ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ । ଉତ୍ତରଦାତାମାନେ ଅଧିନିୟମର ଧାରା 18 ରେ ଦିଆଯାଇଥିବା କୌଣସି ବିଚାରାର୍ଥେ ପ୍ରେରଣ ଲୋଡି ନଥିଲେ ।**

**ସେହି ଅଧିସୂଚନା ରେ ଥିବା ଦାବିଦାରମାନଙ୍କ ମଧ୍ୟରୁ ଜଣେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ ଯାହା ତାଙ୍କର କ୍ଷତିପୂରଣ ବୃଦ୍ଧି କରିଥିଲା । ସେହି ଉଚ୍ଚ ନ୍ୟାୟାଳୟଙ୍କର ରାୟ ଆଧାରରେ ଉତ୍ତରଦାତାମାନେ ଦେୱାନୀ ନ୍ୟାୟାଳୟର ସନ୍ଦର୍ଭ ମାଗିଥିଲେ । ଜିଲ୍ଲାପାଳ ବିଚାରାର୍ଥେ ପ୍ରେରଣକୁ ଖାରଜ କରିଥିଲେ କିନ୍ତୁ ଉଚ୍ଚ ନ୍ୟାୟାଳୟ ପୁନରୀକ୍ଷଣରେ କ୍ଷତିପୂରଣ ପୁନଃନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ରାୟ ଦିଆଗଲା ଯେ ବିଚାରର୍ଥେ ପ୍ରେରଣ ପାଇଁ ଥିବା ଆବେଦନ ତିଷ୍ଠି ରହେ ନାହିଁ । କେବଳ ବିଚାରର୍ଥେ ପ୍ରେରଣ ନ୍ୟାୟାଳୟଙ୍କ ରାୟ ଆଧାରରେ କରାଯାଇପାରିବ, କିନ୍ତୁ ଧାରା 28A (1)ର ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରିତ ସୀମା ମଧ୍ୟରେ ସନ୍ଦର୍ଭ କରାଯାଇପାରିବ । ଏହି ମାମଲାରେ ସୀମା ମଧ୍ୟରେ କିମ୍ବା ଜିଲ୍ଲା ନ୍ୟାୟାଳୟର ଅଧିନିର୍ଣ୍ଣୟ ପରେ ତୁରନ୍ତ ଆବେଦନ ଦାଖଲ କରାଯାଇ ନଥିଲା । ଏହି ପରିସ୍ଥିତିରେ ସଂଶୋଧନ ଅଧିନିୟମ 68/1984 ଲାଗୁ କରାଯାଇପାରିବ ନାହିଁ ଏବଂ ଉଚ୍ଚ ନ୍ୟାୟାଳୟ ପୁନରୀକ୍ଷଣ ଅନୁମତି ଦେଇ ସ୍ପଷ୍ଟ ଭାବରେ ଆଇନଗତ ତ୍ରୁଟି କରିଛନ୍ତି ।[378- E]**

*ବାବୁଆ ରାମ ଏବଂ ଅନ୍ୟମାନେ ବନାମ ୟୁ. ପି. ଏବଂ ଅନ୍ୟମାନେ ରାଜ୍ୟ,* **ଜେ. ଟି. (1994) 7 ଏସ୍. ସି. 377, ଆବେଦନ କରିଥିଲେ ।**

ଦେୱାନୀ ଆବେଦନ ଅଧିକରିତା : ଦେୱାନୀ ଆବେଦନ ସଂଖ୍ୟା 3521/1995 ।

ସି.ଆର୍.ସଂଖ୍ୟା 885/1992ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 14.8.92 ର ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀ ପାଇଁ ଜି. କେ. ବଂଶଲ ।

ଉତ୍ତରଦାତାଙ୍କ ପାଇଁ ଆର୍. କେ. ତଲୱାର, ଗୁଡୱିଲ ଇନ୍ଦିଭାର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଧାରା 4 (1) ଅନୁଯାୟୀ ଅଧିସୂଚନାଟି ଫେବୃଆରୀ 4, 1981 ରେ ସାର୍ବଜନୀନ ଉଦ୍ଦେଶ୍ୟରେ ପ୍ରକାଶିତ ହୋଇଥିଲା । ଜିଲ୍ଲାପାଳ 22 ଡିସେମ୍ବର 1983 ରେ ଧାରା 11 ଅନୁଯାୟୀ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ । ଉତ୍ତରଦାତାମାନେ ଧାରା 18 ଅନୁଯାୟୀ କୌଣସି ବିଚାରାର୍ଥେ ପ୍ରେରଣ ଲୋଡି ନଥିଲେ । ଉଚ୍ଚ ନ୍ୟାୟାଳୟ 10 ସେପ୍ଟେମ୍ବର 1990ରେ ରାୟ ଏବଂ ଡିକ୍ରି ଦ୍ୱାରା ସମାନ ଅଧିସୂଚନା ରେ ଜଣେ ଦାବିଦାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ ପ୍ରତି ଏକର ପ୍ରତି 1,75,000 ଟଙ୍କା କ୍ଷତିପୂରଣ ବୃଦ୍ଧି କରିଥିଲେ । ଏହା ପରେ ଉତ୍ତରଦାତାମାନେ ଜାନୁଆରୀ 2, 1991 ରେ ଧାରା 28A ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ ଦେୱାନୀ ନ୍ୟାୟାଳୟକୁ ବିଚାରର୍ଥେ ପ୍ରେରଣ କରିବାକୁ ଆବେଦନ କରିଥିଲେ । ଜାନୁଆରୀ 22, 1992 ରେ ଜିଲ୍ଲାପାଳ ଏହି ଆବେଦନକୁ ଖାରଜ କରିଥିଲେ । ଏହା ଉପରେ ଉତ୍ତରଦାତାମାନେ ଉଚ୍ଚ ନ୍ୟାୟାଳୟରେ ପୁନରୀକ୍ଷଣ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ 14 ଅଗଷ୍ଟ 1992ର ଆକ୍ଷେପିତ ଆଦେଶରେ ଉଚ୍ଚ ନ୍ୟାୟାଳୟଙ୍କ ସେପ୍ଟେମ୍ବର 12, 1990ର ରାୟ ଆଧାରରେ କ୍ଷତିପୂରଣ ପୁନଃନିର୍ଦ୍ଧାରଣ କରିବାକୁ ଅନୁମତି ଦେଇଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ ।

ସମଗ୍ର ବାଦବିବାଦ ଏବେ ଏହି ନ୍ୟାୟାଳୟଙ୍କର *ବାବୁଆ ରାମ ଏବଂ ଅନ୍ୟମାନେ ବନାମ ୟୁ. ପି. ରାଜ୍ୟ ଏବଂ ଅନ୍ୟ ଜଣେ,* (1994) 7 SC 377ର ରାୟ ଦ୍ୱାରା ଆବୃତ ହୋଇଛି । ଉପରୋକ୍ତ ରାୟକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ଉପସଂହାର ହେଉଛି ଯେ ବିଚାରର୍ଥେ ପ୍ରେରଣ ପାଇଁ ଆବେଦନ ତିଷ୍ଠି ରହେ ନାହିଁ । ବିଚାରର୍ଥେ ପ୍ରେରଣ ପାଇଁ ଥିବା ମାମଲାଟି କେବଳ ବିଚାରର୍ଥେ

ପ୍ରେରଣ ନ୍ୟାୟାଳୟର ରାୟ ଆଧାରରେ କରାଯାଇପାରିବ କିନ୍ତୁ ଧାରା 28A (1)ର ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରିତ ସୀମା ମଧ୍ୟରେ । ଏହି ମାମଲାରେ ସୀମା ମଧ୍ୟରେ କିମ୍ବା ଜିଲ୍ଲା ନ୍ୟାୟାଳୟର ଅଧିନିର୍ଣ୍ଣୟ ପରେ ଆବେଦନ ଦାଖଲ କରାଯାଇ ନଥିଲା । ଏହି ପରିସ୍ଥିତିରେ ସଂଶୋଧନ ଅଧିନିୟମ ସଂଖ୍ୟା 68/1984 ଲାଗୁ କରାଯାଇପାରିବ ନାହିଁ ଏବଂ ପୁନରୀକ୍ଷଣକୁ ଅନୁମତି ଦେବାରେ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ଆଇନର ତ୍ରୁଟି କରିଛନ୍ତି । ଆବେଦନକୁ ଅନୁମତି ଦିଆଯାଇଛି। 14 ଅଗଷ୍ଟ, 1992 ତାରିଖର ସି.ଆର. ସଂଖ୍ୟା 88/1992ରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଇଛି କିନ୍ତୁ ଏହି ପରିସ୍ଥିତିରେ ବିନା ଖର୍ଚ୍ଚରେ କରାଯାଇଛି ।

ଏ. ଜି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।